ଯେମିତି ମନେହେବ ଏକକ୍ଷୁଦ୍ର ପୁରୀରେ ପହଁଚି ପୁରୁଷୋତ୍ତମ କ୍ଷେତ୍ରର ଦର୍ଶନରେ ଅଛନ୍ତି । କଥିତ ଯେ ଖଲ୍ଲିକୋଟ ରାଜା ଜଗନ୍ନାଥ ମର୍ଦ୍ଦରାଜ ମୂର୍ତ୍ତିସ୍ଥାପନ କରିଥିଲେ । ଗଞ୍ଜାମ ସହର ଅତୀତର ସମୃଦ୍ଧ ସହର । ଏଠାରେ ଜିଲ୍ଲା ସଦର ମହକୁମା କାର୍ଯ୍ୟାଳୟ ଫରାସୀ, ଡଚ୍ ଓ ଇଂରେଜମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇ ସମଗ୍ର ଗଞ୍ଜାମ ଜିଲ୍ଲାକୁ ଶାସନ କରାଯାଉଥିଲା । ବ୍ରହ୍ମପୁରର ବିକାଶ ହେବାପୂର୍ବରୁ ଗଞ୍ଜାମ ହିଁ ଥିଲା ଜିଲ୍ଲାର ପ୍ରଧାନ ସହର । ଗଞ୍ଜାମ ଭଳି ଅନ୍ୟଏକ ସହର ଥିଲା ମନ୍ତ୍ରିଡି । ଅନୁରୂପ ବିଘଟନ ଯୋଗୁଁ ବର୍ତ୍ତମାନର ଇଚ୍ଛାପୁର (ଆନ୍ଧ୍ର) ସହର ଗଢି ଉଠିଥିଲା । ବର୍ତ୍ତମାନ ଗଞ୍ଜାମ ସହରରେ ତିନିରୁ ଚାରୋଟି ଜଗନ୍ନାଥ ମନ୍ଦିର ରହିଛି । ଜନସାଧାରଣଙ୍କ ସହଯୋଗରେ ପ୍ରତି ମନ୍ଦିର ପରିସରରେ ରଥଯାତ୍ରା ଅନୁଷ୍ଠିତ ହେଉଛି । ଧରାକୋଟ, ସେରଗଡ, ଆଠଗଡ, ଆସିକା (ଚିନି କାରଖାନା ପାଖ) ଜଗନ୍ନାଥ ମନ୍ଦିରଗୁଡିକ କଳାଭାସ୍କର୍ଯ୍ୟପୂର୍ଣ୍ଣ ଓ ଏଠାକାର ରଥଯାତ୍ରା ମଧ୍ୟ ଦର୍ଶକମାନଙ୍କୁ ବିମୋହିତ କରିଦେଇଥାଏ ।

ଅବସରପ୍ରାପ୍ତ ଅଧକ୍ଷ
ସଂସ୍କୃତି ସଦନ, କଚେରୀଘର,
ବୟାଳୀ(ମନ୍ତ୍ରିଡି), ଗଞ୍ଜାମ-୭୬୧୦୦୮

ବିଚିତ୍ର ଦେବତା

କାଞ୍ଚନ ମିଶ୍ର

ସର୍ବମୟ କର୍ତ୍ତା ବିଚିତ୍ର ଦେବତା
ତୁମେ ପ୍ରଭୁ ଜଗନ୍ନାଥ
ମହୋଦଧି ତଟେ ତୁମ ପ୍ରିୟସ୍ଥଳୀ
ଶ୍ରେଷ୍ଠଧାମ ବିବେଚିତ ।

ଅତୀତରେ ପ୍ରଭୁ ବିଶ୍ୱକର୍ମା ରୂପେ
ହୋଇକରି ଅବତୀର୍ଣ୍ଣ
ନିଜର ସ୍ୱରୂପ ଗଢି ତୋଳିଥିଲ
ସ୍ୱୟଂ ପ୍ରଭୁ ଭଗବାନ ।।

ଦାରୁ ବ୍ରହ୍ମରୂପୀ ଶ୍ରୀପୁରୁଷୋତ୍ତମ
ନୀଳାଚଳେ ନୀଳଗିରି
ନିତ୍ୟଲୀଳା ଲାଗେ ଶ୍ରୀକ୍ଷେତ୍ର ଯାହାର
ପ୍ରିୟ ତୁମ କ୍ଷେତ୍ର ପୁରୀ ।।

ବାରମାସେ ତେର ଯାନିଯାତ୍ରା ବେଶ
ସାଜସଜ୍ଜା ରମଣୀୟ
ଆନନ୍ଦ ବଜାର ସୁସ୍ୱାଦୁ ବ୍ୟଞ୍ଜନ
ନାହିଁ ତା'ର ତୁଳନୀୟ ।।

ବୈଦିକ ଯୁଗରୁ ଶ୍ରୀକ୍ଷେତ୍ର ଧାମକୁ
ଦେଖିବାକୁ ରଥଯାତ
ଦେଶ ବିଦେଶରୁ ଶ୍ରଦ୍ଧାଳୁ ଭକତ
ଆସୁଛନ୍ତି ଅବିରତ ।।

ଓଡ଼ିଆ ଘରର ବିଭା, ବ୍ରତ, ଜନ୍ମ
ସବୁ କାମେ ତୁମ ନାମ
ସ୍ମରଣ କରିଲେ ଶୁଭ ଦିବସରେ
ପୂର୍ଣ୍ଣ ହୁଏ ସବୁକାମ ।।

ମାନବ ସେବାର ସମସ୍ତ ଲକ୍ଷଣ
ତୁମଠାରେ ବିଦ୍ୟମାନ
ନୀଳାଚଳ ଧାମେ ତୁମେ ମହାପ୍ରଭୁ
ସର୍ବଶ୍ରେଷ୍ଠ ଆକର୍ଷଣ ।।

ତୁମ ପାଇଁ ଆଜି ଓଡ଼ିଶା ବିଖ୍ୟାତ
ସର୍ବଜନ ଏକମତ
ସମଗ୍ର ବିଶ୍ୱର ସର୍ବମୟ କର୍ତ୍ତା
ଭାବେ ପ୍ରଭୁ ସର୍ବାଦୃତ ।

୧୦୧୧, ଜୟଦୁର୍ଗା ନଗର,
ବମିଖାଲ, ଭୁବନେଶ୍ୱର